**ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ରୁଷିଆର ରାଷ୍ଟ୍ରପତି ପୁଟିନ୍‌ଙ୍କ ସହ ବାର୍ତ୍ତାଳାପ**

ଅଗଷ୍ଟ 04, 2025

ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ରୁଷିଆର ରାଷ୍ଟ୍ରପତି ମହାମହିମ ଶ୍ରୀ ଭ୍ଲାଦିମିର ପୁଟିନ୍‌ଙ୍କ ସହିତ ଟେଲିଫୋନ୍ ଯୋଗେ ବାର୍ତ୍ତାଳାପ କରିଥିଲେ।

ରାଷ୍ଟ୍ରପତି ପୁଟିନ୍ ୟୁକ୍ରେନ ସମ୍ବନ୍ଧିତ ନୂତନ ଘଟଣାକ୍ରମ ବିଷୟରେ ଭାରତର ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।

ରାଷ୍ଟ୍ରପତି ପୁଟିନ୍‌ଙ୍କୁ ତାଙ୍କର ବିସ୍ତୃତ ସମୀକ୍ଷା ପାଇଁ ଧନ୍ୟବାଦ ଦେଇ, ଭାରତର ପ୍ରଧାନମନ୍ତ୍ରୀ ସଂଘର୍ଷର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଭାରତର ସୁସଙ୍ଗତ ସ୍ଥିତିକୁ ଦୋହରାଇଥିଲେ।

ଉଭୟ ନେତୃବୃନ୍ଦ ଦ୍ୱିପାକ୍ଷିକ ଏଜେଣ୍ଡାରେ ହୋଇଥିବା ଅଗ୍ରଗତିର ସମୀକ୍ଷା କରିଥିଲେ ଏବଂ ଭାରତ ଓ ଋଷିଆ ମଧ୍ୟରେ ଥିବା ବିଶେଷ ଓ ସ୍ୱତନ୍ତ୍ର ରଣନୈତିକ ସହଭାଗିତାକୁ ଅଧିକ ଗଭୀର କରିବା ପାଇଁ ସେମାନଙ୍କର ପ୍ରତିଶ୍ରୁତିବଦ୍ଧତାକୁ ପୁନଃପୁଷ୍ଟି କରିଥିଲେ।

ଭାରତର ପ୍ରଧାନମନ୍ତ୍ରୀ 23ତମ ଭାରତ-ଋଷିଆ ବାର୍ଷିକ ଶିଖର ସମ୍ମିଳନୀ ପାଇଁ ଚଳିତ ବର୍ଷ ଶେଷ ଭାଗରେ ଋଷିଆର ରାଷ୍ଟ୍ରପତି ପୁଟିନ୍‌ଙ୍କୁ ଭାରତ ଆସିବାକୁ ଆମନ୍ତ୍ରଣ କରିଥିଲେ।

ନୂଆଦିଲ୍ଲୀ

ଅଗଷ୍ଟ 04, 2025